## ୨ ବାଲିଘାଟ ପାଇଁ ଟେଣ୍ଡର ଖୋଲାଗଲା

କୁଜଙ୍ଗ,(ଡି.ଏନ୍.ଏ.): କୁଜଙ୍ଗ ତହସିଲ ପକ୍ଷରୁ ପାଇକା ନଦୀର ଗୋବର୍ଦ୍ଧନପୁର ବାଲିଘାଟ ଓ ମହାନଦୀର କଳଦୀପ ବାଲିଘାଟ ପାଇଁ ଡକାଯାଇଥିବା ଟେଣ୍ଡର ଗୁରୁବାର ଖୋଲାଯାଇଛି। ଏହି ୨ଟି ବାଲିଘାଟ ପାଇଁ ଜାନୁୟାରୀ ୧ରୁ ୨୦ ତାରିଖ ମଧ୍ୟରେ ଟେଣ୍ଡର ପକାଇବା ପାଇଁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉଭୟ ବାଲିଘାଟ ପାଇଁ ୮ ଜଣ ଲେଖାଏ ଟେଣ୍ଡର ପକାଇଥିବା ଜଣାପଡ଼ିଛି। ଏହି ଟେଣ୍ଡର ଖୋଲାହେବା ସମୟରେ ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ ଓ ଅତିରିକ୍ତ ତହସିଲଦାର ପୂଜା ଲେଙ୍କା ଓ କୁଜଙ୍ଗ ବିଡିଓ ଅମିୟ କୁମାର ପଣ୍ଡା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚାନ୍ଦା ଆଦାୟକୁ ନେଇ ବଢୁଛି ଅସନ୍ତୋଷ

କେନ୍ଦ୍ରାପଡ଼ା ଅଫିସ,୨୧।୧: କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ୫ ନଂ. (କ) ଜାତୀୟ ରାଜପଥର ଦୁହୁରିଆ ଛକ ନିକଟରେ ଚାନ୍ଦା ଆଦାୟ ହେଉଛି। ଏକ ନିର୍ଦ୍ଦିଷ୍ଟ ଟ୍ରକ୍ ଆସୋସିଏଶନ ପକ୍ଷରୁ ଦାନ ନାମରେ ପ୍ରତି ଟ୍ରକ ପିଛା ୧୦୦ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଆଦାୟ ହେଉଛି। ଏ ନେଇ ଟ୍ରକ ଚାଳକ ଓ ମାଲିକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏପରି ଘଟଣା ସଦର ଥାନା ପୋଲିସ ଜାଣିବା ପରେ ୨ ଦିନ ପୂର୍ବେ ସମ୍ପୃକ୍ତ ଚାନ୍ଦା ଆଦାୟକାରୀଙ୍କୁ ଥାନାକୁ ଆଣିଥିଲା। ସିଆରପିସି ୪୧ରେ ସେମାନଙ୍କୁ ଛଡା ଯାଇଥିବା ସୂଚନା ମିଳିଛି। ତୁରନ୍ତ ଏହି ଚାନ୍ଦା ଆଦାୟ ବନ୍ଦ ନ ହେଲେ ଆଗାମୀ ଦିନରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ବୋଲି ଚାନ୍ଦା ଆଦାୟର ଶିକାର ହୋଇଥିବା ଗାଡି ଚାଳକମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ପ୍ରମୋଦ ମଲ୍ଲିକ କହିଛନ୍ତି, ଚାନ୍ଦା ବା ଦାନ ଆକାରରେ ରାସ୍ତାରେ ଗାଡି ଅଟକାଇ ମାଗିବା ବେଆଇନ। ଏଥିପାଇଁ କେତେଜଣ ବ୍ୟକ୍ତିଙ୍କୁ ତାଗିଦା କରାଯାଇଛି। ଏପରି ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ଦକ୍ଷତା ବିକାଶ କର୍ମଶାଳା

ଏରସମା,୨୧।୧(ସ୍ୱ.ପ୍ର.): ଏରସମା ବ୍ଲକ ଅନ୍ତର୍ଗତ ଗୋଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନାବାର୍ଡ ପକ୍ଷରୁ ଦକ୍ଷତା ବିକାଶ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଛି। ମହିଳାମାନଙ୍କ ପାଇଁ ଆୟୋଜିତ ଏହି କର୍ମଶାଳାରେ ନାବାର୍ଡର ଜିଲା ଉପପରିଚାଳକ ବିଶ୍ୱଭୂଷଣ ମହାନ୍ତି, ଅଗ୍ରଣୀ ଜିଲା ବ୍ୟାଙ୍କ ପରିଚାଳକ ସତୀଶ କୁମାର ପାତ୍ର, ଇଣ୍ଡିଆନ ବ୍ୟାଙ୍କ ଗୋଡା ଶାଖାର ପ୍ରବନ୍ଧକ ପ୍ରତୀକ ରଞ୍ଜନ ଦାସ ଏବଂ ଓଡ଼ିଶା ଜୀବିକା ମିଶନର କୋଷାଧକ୍ଷ ଜ୍ଞାନରଞ୍ଜନ ବାରିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସରକାରଙ୍କ ବିଭିନ୍ନ ଯୋଜନା ଓ ମହିଳାମାନଙ୍କ ଏସ୍ଏଚଜିକୁ ମିଳୁଥିବା ବିଭିନ୍ନ ସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା। ତାଲିମଦାତା ରମେଶଚନ୍ଦ୍ର ବହିରା ମହିଳାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

### ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଦାବି

କେନ୍ଦ୍ରାପଡ଼ା ଅଫିସ,୨୧।୧
ପଟ୍ଟାମୁଣ୍ଡାଇ ବ୍ଲକ ଦେଉଳି ଗାଁରେ ୯୯ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମି ଅଛି। ଏହି ଜମିକୁ ଗ୍ରାମର କେତେଜଣ ବ୍ୟକ୍ତି ଜବରଦଖଲ କରିଛନ୍ତି। ଏହି ଜବରଦଖଲକୁ ଉଚ୍ଛେଦ କରାଯାଇ ସାମାଜିକ ବ୍ୟବହାର ନିମନ୍ତେ ଛଡାଯାଉ ବୋଲି ସ୍ଥାନୀୟ ଉତ୍କଳମଣି ଯୁବକ ସଂଘ ପକ୍ଷରୁ ଗୁରୁବାର ଦାବି ହୋଇଛି। ଏ ନେଇ ସଂଘ ସଭାପତି ଗୌତମ କୁମାର ବେହେରା ଓ ସଦସ୍ୟ ଆଲୋକ ବେହେରାଙ୍କ ନେତୃତ୍ୱରେ ଦାବିପତ୍ର ଏଡିଏମ୍ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଗୌତମ କୁହନ୍ତି, ଏହି ୯୯ଏକର ଜମି ମଧ୍ୟରେ ରକ୍ଷିତ ଅନାବାଦୀ ସହ ସର୍ବସାଧାରଣ ଯାତାୟାତ ପଥ ମଧ୍ୟ ଅଛି। ତେବେ ଜବରଦଖଲ ହୋଇଥିବାରୁ ଯାତାୟାତ ସହ ଗୃହପାଳିତ ପ୍ରାଣୀଙ୍କ ରକ୍ଷଣାବେକ୍ଷଣ ସମସ୍ୟା ସୃଷ୍ଟି ହେଉଛି। ସେହିପରି ଗ୍ରାମ୍ୟ ଉନ୍ନୟନ ଯୋଜନା ସହ ସାମାଜିକ କର୍ମ ବାଧାପ୍ରାପ୍ତ ହେଉଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ରାଉତ କହିଛନ୍ତି ଯେ, ସମ୍ପୃକ୍ତ ତହସିଲକୁ ଏ ନେଇ ଚିଠି ହେବ।

### ନମସ୍ୟ ନଳିନୀ ପୁସ୍ତକ ଉନ୍ମୋଚିତ

ପଟ୍ଟାମୁଣ୍ଡାଇ, ୨୧।୧(ସ୍ୱ.ପ୍ର.): ପୂର୍ବତନ ମନ୍ତ୍ରୀ ତଥା ରାଜନଗର ଜନନେତା ସ୍ୱର୍ଗତ ନଳିନୀକାନ୍ତ ମହାନ୍ତିଙ୍କ ୭୨ତମ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ନଳିନୀକାନ୍ତ ମହାନ୍ତି ମେମୋରିଆଲ ଫାଉଣ୍ଡେଶନ ପକ୍ଷରୁ ପ୍ରଦୀପ୍ତ କୁମାର ବେହୁରାଙ୍କ ଦ୍ୱାରା ଲିଖିତ 'ନମସ୍ୟ ନଳିନୀ' ପୁସ୍ତକ ଉନ୍ମୋଚିତ ହୋଇଛି। ଏହି ଉପଲକ୍ଷେ ସ୍ଥାନୀୟ ଏକ ମଣ୍ଡପଠାରେ ଅନୁଷ୍ଠିତ ବର୍ଣ୍ଣାଢ୍ୟ ଉତ୍ସବରେ ଫାଉଣ୍ଡେଶନର ଆବାହକ ବେହୁରା ସଭାପତିତ୍ୱ କରିଥିଲେ। ପରିବେଶବିତ୍ ହେମନ୍ତ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିବା ସହିତ ନଳିନୀଙ୍କ ଅମାୟିକ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଗାଳ୍ପିକ ପ୍ରଦୀପ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବାବେଳେ କବି ଚାରୁଲତା ଭୂୟାଁ, ଅନସୂୟା ଦାସ, ଶାନ୍ତନୁ କୁମାର ସ୍ୱାଇଁ, ବୈଷ୍ଣବ ମଳିକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଆଇନଜୀବୀ ରାମକୃଷ୍ଣ ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ସଭା ସଂଯୋଜନା କରିଥିଲେ।

# ପ୍ରଶାସନିକ ଅବହେଳାକୁ ଦାୟୀ କଲେ ଦୁଇ ପରିବାର

କେନ୍ଦ୍ରାପଡ଼ା ଅଫିସ, ୨୧।୧



ସିଡବ୍ଲୁସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଘର ପାଇଁ ଧାରଣା।

**ଶିଶୁ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ**
- ୩ ବର୍ଷର ଶିଶୁକନ୍ୟା ନିଖୋଜ
- ଦୁଇଦିନର ଶିଶୁଙ୍କୁ ଧରି ପରିବାର ସଦସ୍ୟଙ୍କ ଧାରଣା

ଶିଶୁ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରି ଗୁରୁବାର ଦୁଇଟି ସ୍ଥାନରେ ଧାରଣା ଦିଆଯାଇଛି। ଗୋଟିଏ ଧାରଣା ସିଡବ୍ଲୁସି କାର୍ଯ୍ୟାଳୟରେ ଓ ଅନ୍ୟଟି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ। ଦୁଇଟି ଘଟଣାକୁ ଅନୁଧ୍ୟାନ କଲେ ପ୍ରଶାସନିକ ଅବହେଳା ଯୋଗୁ ଦୁଇ ପରିବାର ରାଜରାସ୍ତାକୁ ଆସିଛନ୍ତି। ସିଡବ୍ଲୁସିରେ ଧାରଣା ଦେଇଥିବା ପରିବାର ସଦସ୍ୟ ୨୦୨୦ ନଭେମ୍ବର ୧୩ରୁ ୩ ବର୍ଷର ଶିଶୁକନ୍ୟା ନିଖୋଜ ହେବା ପରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଦର୍ଶାଇଛନ୍ତି। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୁଇଦିନର ଶିଶୁ ସହ ବସିଥିବା ପରିବାର ସଦସ୍ୟ କରୋନା ସମୟରେ ପ୍ରଶାସନ ସେମାନଙ୍କ ଘର ଭାଙ୍ଗି ଦେଇଥିବାରୁ ରହିବେ କେଉଁଠି ବୋଲି ପ୍ରଶ୍ନ କରିଛନ୍ତି।

ସିଡବ୍ଲୁସିଠାରେ ଧାରଣାରତ ଭଗବତୀ ପରିଡା କୁହନ୍ତି, ତାଙ୍କ ଘର ନିକିରାଇ ଥାନା ଅନ୍ତର୍ଗତ ବାରୋ ଗାଁରେ। ଝିଅ ରଶ୍ମିତା ଏହି ଥାନା ଅନ୍ତର୍ଗତ ନିକିରାଇପାଟଣା ଗାଁର ପ୍ରଦ୍ୟୁମ୍ନ ଥାଟୋଇଙ୍କୁ ୫ବର୍ଷ ପୂର୍ବେ ବିବାହ କରିଥିଲେ। ବିବାହ ପରଠାରୁ ରଶ୍ମିତାଙ୍କୁ ଯୌତୁକ ନିର୍ଯାତନା ଦିଆଯାଉଥିଲା। ୨୦୨୦ ନଭେମ୍ବର ୧୩ରେ ରଶ୍ମିତାଙ୍କ ଶାଶୁ, ଶ୍ୱଶୁର, ଦିଅର ଓ ସ୍ୱାମୀ ମିଶି ମାରି ଦେଇଛନ୍ତି। ଏ ନେଇ ଥାନାରେ ନଂ. ୧୪୫/୨୦ରେ ମାମଲା ହେବା ପରେ ସ୍ୱାମୀ ପ୍ରଦ୍ୟୁମ୍ନଙ୍କୁ ପୋଲିସ ଗିରଫ କରିଥିଲା। ଅନ୍ୟମାନେ ଫେରାର ଥିବା ପୋଲିସ ଦର୍ଶାଇଥିଲା। ଡିସେମ୍ବର ୧୪ରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ସହ ୩ ବର୍ଷର ଝିଅ ଓ ୭ ମାସର ପୁଅଙ୍କୁ ଉଦ୍ଧାର ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ନ୍ୟାୟ ଦାବି କରି ରଶ୍ମିତାଙ୍କ ୧୧ବର୍ଷୀୟା ସାନଭଉଣୀ ଏଡିଏମ୍‌ଙ୍କ ଗୋଡ ଧରିଥିଲେ। ଏହାସତ୍ତ୍ୱେ ଦୁଇଶିଶୁଙ୍କ ମଧ୍ୟରୁ ଶିଶୁକନ୍ୟାଙ୍କ ସନ୍ଧାନ ଅଦ୍ୟାବଧି ମିଳିନାହିଁ। ଅପରପକ୍ଷରେ ୭ ମାସର ଶିଶୁପୁତ୍ରଙ୍କ ସନ୍ଧାନ ମିଳିଥିଲେ ମଧ୍ୟ ତାଙ୍କୁ ଚାଇଲ୍ଡ କେୟାର ୟୁନିଟ୍‌ରେ ରଖାଯାଇଛି। ଶିଶୁପୁତ୍ରଙ୍କ ଗୋଡ ଭାଙ୍ଗି ଯାଇଛି। ଉଦ୍ଧାର ହୋଇଥିବା ଶିଶୁପୁତ୍ରଙ୍କୁ ହସ୍ତାନ୍ତର କରିବାକୁ ଆବେଦନପତ୍ର ଦିଆଯାଇଥିଲେ ମଧ୍ୟ ସିଡବ୍ଲୁସି କର୍ତ୍ତୃପକ୍ଷ କୌଣସି କାରଣରୁ ଦେଉନାହାନ୍ତି। ସେହିପରି ପ୍ରଦ୍ୟୁମ୍ନଙ୍କୁ ଗିରଫ ସମୟରେ ନିକିରାଇ ପୋଲିସ ଅସହାୟ ଦୁଇ ଶିଶୁଙ୍କ ସୁରକ୍ଷାକୁ ଭୁଲି ଯାଇଥିଲା। ନିୟମ ଅନୁଯାୟୀ, ଦୁଇ ଶିଶୁଙ୍କୁ ସିଡବ୍ଲୁସିକୁ ହସ୍ତାନ୍ତର କରିବା କଥା। ତାହା କରାଯାଇ ନ ଥିଲା। ଏ ସମ୍ପର୍କରେ ସିଡବ୍ଲୁସି ଅଧ୍ୟକ୍ଷ ଭଗବତୀ ପ୍ରସାଦ ଦାସ କହିଛନ୍ତି, ଅଭିଯୋଗ ମିଳିବା ପରେ ଶିଶୁ ହସ୍ତାନ୍ତର ପାଇଁ ତଦନ୍ତ ହୋଇଥିଲା। ରିପୋର୍ଟ ଅଧା ହୋଇଥିବାରୁ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ନିଖୋଜ ଶିଶୁକନ୍ୟାଙ୍କୁ ତୁରନ୍ତ ଉଦ୍ଧାର ପାଇଁ ନିକିରାଇ ପୋଲିସକୁ ଗୁରୁବାର ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଧ୍ରୁବ ଚରଣ ବେହେରା ନିଜ ଶିଶୁଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ସେ କହିଛନ୍ତି, ଡେରାବିଶ ବ୍ଲକ ଚାଟରା ଗାଁର ଏକ ଅନାବାଦୀ ଜମିରେ ୬ ବର୍ଷ ଧରି ରହି ଆସୁଥିଲି। ସ୍ତ୍ରୀ ଗର୍ଭବତୀ ଥିବା ସମୟରେ ଡେରାବିଶ ତହସିଲ କର୍ତ୍ତୃପକ୍ଷ ଘରକୁ ଭାଙ୍ଗି ଦେଇଥିଲେ। ଏ ନେଇ ଜିଲା ପ୍ରଶାସନକୁ ଜଣାଇବା ପରେ ସ୍ତ୍ରୀଙ୍କ ନାମରେ ଭୂମିହୀନଙ୍କ ପାଇଁ ଉଦ୍ଦିଷ୍ଟ ଜମି ପଟ୍ଟା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇ ୭ ମାସ ଧରି ଭୁଲି ଯାଇଛନ୍ତି। ଜନ୍ମିତ ଦୁଇଦିନର ଶିଶୁକନ୍ୟା ସହ ୩ ବର୍ଷର ପୁଅ ଓ ସ୍ତ୍ରୀଙ୍କୁ ଧରି ରହିବେ କେଉଁଠି ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତଙ୍କୁ ପଚାରିବାରେ ଧ୍ରୁବଙ୍କ ସମସ୍ୟା ନଜରକୁ ଆସିଛି। ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଡେରାବିଶ ତହସିଲଦାର ଓ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

# 'କ୍ଷମତାଠାରୁ ଦୂରରେ ଥିଲେ ପ୍ରାଣକୃଷ୍ଣ'

ଜଗତ୍‌ସିଂହପୁର ଅଫିସ,୨୧।୧

ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ପ୍ରାଣକୃଷ୍ଣ ପଢିହାରୀଙ୍କ ୧୩୮ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଜୟବଡ଼ ଛକ ନିକଟ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ କହିଥିଲେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଯୋଗାଯୋଗ କ୍ଷେତ୍ରରେ ପଣ୍ଡିତ ପଢ଼ିହାରୀଙ୍କ ଭୂମିକା ଅତୁଳନୀୟ। ତାଙ୍କ ଉଦ୍ୟମରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରତିଷ୍ଠା ହୋଇପାରିଛି। ସରକାରୀ ଚାକିରି ଛାଡି ଦେଶ ସେବା ପାଇଁ ସେ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିଲେ। କ୍ଷମତାଠାରୁ ସେ ବହୁ ଦୂରରେ ଥିଲେ। କାର୍ଯ୍ୟକ୍ରମରେ ପଣ୍ଡିତ ପ୍ରାଣକୃଷ୍ଣ ପଢିହାରୀ ସ୍ମୃତି ପରିଷଦର ଅଧ୍ୟକ୍ଷ ହିମାଂଶୁ ଆଚାର୍ଯ୍ୟ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ, ପରିଷଦର ସାଧାରଣ ସମ୍ପାଦକ ଶୁଭକାନ୍ତ ପଢିହାରୀ ଓ ସୂର୍ଯ୍ୟାନନ୍ଦ ପଢିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗାନ୍ଧିଜୀଙ୍କ ବିଚାରଧାରାର ପ୍ରସାର ଲାଗି ପରାମର୍ଶ


ଯୁବ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେଇଥିବା ନେତା ଓ କର୍ମୀ।

ବାଲିଚନ୍ଦ୍ରପୁର,୨୧।୧(ସ୍ୱ.ପ୍ର.)

ବଡ଼ଚଣା ବ୍ଲକ ଅଧୀନ ଓଲାଶୁଣୀ ପୀଠ ଗଣେଶ ମଣ୍ଡପ ପରିସରରେ ରାଜ୍ୟ ଯୁବ କଂଗ୍ରେସର ଏକ କାର୍ଯ୍ୟକାରିଣୀ ବୈଠକ ସଭାପତି ସ୍ମୃତିରଞ୍ଜନ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ପ୍ରଭାରୀ ପ୍ରତିଭା ରଘୁବଂଶୀ ଯୋଗଦେଇ ଯୁବ କଂଗ୍ରେସ କର୍ମୀଙ୍କୁ ଗାନ୍ଧିଜୀଙ୍କ ବିଚାରଧାରାର ପ୍ରସାର ପାଇଁ ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ପ୍ରଦେଶ ଯୁବ କଂଗ୍ରେସ ସହପ୍ରଭାରୀ ରିଆଜୁଲ ଅନସାରୀ ବୈଠକରେ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନବିରୋଧୀ କାର୍ଯ୍ୟକୁ ନେଇ ସ୍ୱର ଶାଣିତ କରିବାକୁ ଉପସ୍ଥିତ ପ୍ରଦେଶ ଓ ଜିଲା କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ କରିଛନ୍ତି। ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, କଂଗ୍ରେସ ନେତା ଅଜୟ ସାମଲ, ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ସନ୍ତୋଷ ନନ୍ଦ, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସ ରଞ୍ଜନ କର, ମନୋଜ ଦାସ, ରାଜ୍ୟ ଯୁବ କଂଗ୍ରେସ ଉପସଭାପତି କିରଣ ସାହୁ ଓ ରାଜୀବ ପଟ୍ଟନାୟକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଜିଲା ଯୁବ କଂଗ୍ରେସ ସଭାପତି ବିଶ୍ୱପ୍ରକାଶ ସାମଲ। କଟକ ଜିଲା ଯୁବ କଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କା ଧନ୍ୟବାଦ ଦେଇଥିଲେ।

# ଫ୍ଲାଏ ଓଭର ବ୍ରିଜ୍ ତଳ ରାସ୍ତାରେ ଭୟ

ବଡ଼ଚଣା,୨୧।୧(ଡି.ଏନ୍.ଏ.)


ଫ୍ଲାଏ ଓଭରବ୍ରିଜ୍ ତଳ ରାସ୍ତା।

- ୪ବର୍ଷ ତଳେ ଖୁଣ୍ଟ ପୋତା ଯାଇଥିଲା
- ବିଦ୍ୟୁତ୍ ସଂଯୋଗ ନାହିଁ
- ବୃଦ୍ଧି ପାଉଛି ଚୋରି, ରାହାଜାନି

୧୬ନଂ. ଜାତୀୟ ରାଜପଥ ସଂପ୍ରସାରଣ କରାଯାଇ ୨ରୁ ୪ ଲାଇନ କରାଗଲା। ଜନସାଧାରଣଙ୍କ ସୁବିଧାକୁ ଆଖି ଆଗରେ ରଖି ବଜାର, ଛକ ଏବଂ ମୁଖ୍ୟସ୍ଥଳରେ ଫ୍ଲାଏ ଓଭରବ୍ରିଜ ନିର୍ମାଣ ହେଲା। ୨୦୧୫-୧୬ରେ ଏହି ପ୍ରକ୍ରିୟା ଶେଷ ହୋଇଥିଲା। ହେଲେ ନିର୍ମାଣ ହୋଇଥିବା ଫ୍ଲାଏ ଓଭର ବ୍ରିଜ ତଳ ରାସ୍ତା ଲୋକଙ୍କ ପାଇଁ ନିରାପଦ ନୁହେଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ରାତିରେ ସମ୍ପୂର୍ଣ୍ଣ ଓ ଦିନରେ ଆଂଶିକ ଅନ୍ଧାର ରହୁଥିବା ଏହି ରାସ୍ତାରେ ଛୋଟ,ବଡ଼ ଦୁର୍ଘଟଣା ଘଟୁଛି। ଅନ୍ୟପକ୍ଷେ ଅନ୍ଧାରର ସୁଯୋଗ ନେଇ ସେଠାରେ ଲୁଟ୍, ରାହାଜାନୀ ଚାଲିଥିବାରୁ ଏପରି ମତ ପ୍ରକାଶ ପାଇଛି।

ଉପରୋକ୍ତ ସମସ୍ୟାକୁ ଦୃଷ୍ଟିରେ ରଖି ଫ୍ଲାଏ ଓଭରବ୍ରିଜ୍ ଛାତ ତଳେ ଲାଇଟ୍ ଲଗାଇବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା। ବ୍ରିଜ ନିର୍ମାଣର ୨ ବର୍ଷ ପରେ ଲାଇଟ୍ ଲଗାଇବାକୁ ଆବଶ୍ୟକ ବ୍ୟବସ୍ଥା ହୋଇଥିଲା। ଇତିମଧ୍ୟରେ ୩ ବର୍ଷ ବିତିଛି। ତଥାପି ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ। ଫଳରେ ଅଧିକାଂଶ ଲାଇଟ ପୋଷ୍ଟ ଭାଙ୍ଗି ଯାଇଛି। କେତେକ ଲାଇଟ୍ ପୋଷ୍ଟ ଚୋରି ହୋଇଯାଇଛି। ଏପରି କି ଫ୍ଲାଏ ଓଭର ଛାତ ତଳ ରାସ୍ତାରେ ଚୋରି, ଡକାୟତି, ରାହାଜାନୀ ବୃଦ୍ଧି ପାଇବାରେ ଲାଗିଛି। ଅନ୍ଧକାରର ସୁଯୋଗ ନେଇ ମଦ୍ୟପମାନେ ସେଠାରେ ଆଡ୍ଡା ଜମାଉଛନ୍ତି। ସନ୍ଧ୍ୟା ପରେ ଛାତ୍ରୀଛାତ୍ରମାନେ ସେହି ରାସ୍ତାରେ ଯିବା ଆସିବାକୁ ଡରୁଛନ୍ତି। ବିଶେଷକରି ଗୋବିନ୍ଦପୁର, ନେଳିଆ, ଛତିଆ, ବନ୍ଧାଳ, କଢେଇପୋଲ, ବଡ଼ୁଣା, ନେଉଳପୁର ଫ୍ଲାଏ ଓଭରବ୍ରିଜ ତଳ ରାସ୍ତାରେ ବିଦ୍ୟୁତ୍ ସଂଯୋଗ କରାଯାଉ ବୋଲି ଛାତ୍ରନେତା ସୁମିତ କୁମାର ମହାନ୍ତି, ଅଭିଷେକ ତ୍ରିପାଠୀ ପ୍ରମୁଖ ଦାବି କରିଛନ୍ତି। ଏଥିରେ ବ୍ୟତିକ୍ରମ ହେଲେ ଆନ୍ଦୋଳନ ସହିତ ରାସ୍ତା ଅବରୋଧ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଦୁଇ ନାବାଳିକା ଉଦ୍ଧାର, ପରିବାର ଲୋକଙ୍କୁ ହସ୍ତାନ୍ତର

ରାଜନଗର,୨୧।୧(ଡି.ଏନ.ଏ.)

ରାଜନଗର ଥାନା ଅଞ୍ଚଳରେ ଅପହରଣ ହୋଇଥିବା ୨ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରି ପରିବାର ଲୋକଙ୍କୁ ଗୁରୁବାର ହସ୍ତାନ୍ତର କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଦୀଘି ଗାଁର ବିଶ୍ୱମ୍ବର ସାମଲ ୧୨ ଜାନୁୟାରୀ ୨୦୧୯ରେ ଅଞ୍ଚଳର ଜନୈକ ୧୭ ବର୍ଷୀୟ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ଏ ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ ପରେ ମାମଲା ରୁଜୁ ହୋଇଥିଲା। ନାବାଳିକାଙ୍କୁ ରାଜନଗର ଅଞ୍ଚଳରୁ ଉଦ୍ଧାର କରାଯାଇ ତାଙ୍କ ୧୬୧ ଓ ୧୬୪ରେ ବୟାନ ରେକର୍ଡ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେହିପରି ୧୯ ସେପ୍ଟେମ୍ବର ୨୦୨୦ରେ ଘଡିଆମାଳ ଗାଁର କାର୍ତ୍ତିକ ବାରିକ ଅଞ୍ଚଳର ଜନୈକ ୧୭ ବର୍ଷୀୟା ନାବାଳିକାଙ୍କୁ ଅପରହରଣ କରି ନେଇଥିଲେ। ଏ ନେଇ ଥାନାରେ ମାମଲା ରୁଜୁ ହୋଇଥିଲା। ସମ୍ପୃକ୍ତ ନାବାଳିକାଙ୍କୁ ତଣ୍ଡିଆପାଳ ଅଞ୍ଚଳରୁ ଉଦ୍ଧାର କରାଯାଇ ୧୬୧ ଓ ୧୬୪ରେ ବୟାନ ରେକର୍ଡ କରାଯିବ ପରେ ତାଙ୍କ ମା'ଙ୍କୁ ହସ୍ତାନ୍ତର କରାଯାଇଛି।

# ଭାଜପାର ପ୍ରଶିକ୍ଷଣ ଶିବିର

ଜଗତ୍‌ସିଂହପୁର ଅଫିସ, ୨୧।୧

ଜଗତ୍‌ସିଂହପୁର ବ୍ଲକ ମୁଦୁପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମା'ଦୁର୍ଗା ମନ୍ଦିର ନିକଟରେ ଭାଜପା କାଦୁଆପଡ଼ା ମଣ୍ଡଳ ତରଫରୁ ଏକ ପ୍ରଶିକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଦଳ ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର ଓ ରାଜ୍ୟ ଅନୁସୂଚିତ ଜାତି ଅଧ୍ୟକ୍ଷ ବିଭୁପ୍ରସାଦ ତରାଇ ଉଦ୍‌ଘାଟନ କରିଥିଲେ। ଧନେଶ୍ୱର ରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରରେ ପୂର୍ବତନ ସଭାପତି ଉପେନ୍ଦ୍ରନାଥ ବିଶ୍ୱାଳ, ଜିଲା ଉପସଭାପତି ସୌଭାଗ୍ୟ ମହାନ୍ତି, ସାଧାରଣ ସମ୍ପାଦକ ଜଗନ୍ନାଥ ଦାଶ, ମୋହିତ ମହାନ୍ତି, ନଗର ସଭାପତି ଅକ୍ଷୟ ପାତ୍ର, ରାଜ୍ୟ ଓବିସି ସେଲର ଉପାଧ୍ୟକ୍ଷ ନୃସିଂହ ସାହୁ, ବାଲିକୁଦାର ବରିଷ୍ଠ ନେତା ସଞ୍ଜୟ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଚାର, ବ୍ୟକ୍ତିତ୍ୱର ବିକାଶ, ସୋସିଆଲ ମିଡିଆର ଉପଯୋଗ ଓ ରାଜ୍ୟରେ ରାଜନୈତିକ ପୃଷ୍ଠଭୂମି ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ତୁଷାର ରଥ, ପ୍ରଶାନ୍ତ ବାରିକ ଓ ହୃଷୀକେଶ ନନ୍ଦ ପ୍ରମୁଖ ଯୋଗଦେଇଥିଲେ।



କାଦୁଆପଡ଼ା ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଭାଜପା ନେତା।

# ସରପଞ୍ଚଙ୍କ କଲେଜ ଅଧ୍ୟକ୍ଷ ପଦକୁ ନେଇ ବିବାଦ

**ଉଚ୍ଚ ଶିକ୍ଷା ବିଭାଗର ତଦନ୍ତ ନିର୍ଦ୍ଦେଶ**

ଯାଜପୁର ସଦର,୨୧।୧(ଡି.ଏନ୍.ଏ.)

ଜଣେ ବ୍ୟକ୍ତି ସରପଞ୍ଚ ଥିଲେ। ଠିକ୍ ସେହି ସମୟରେ ସେ ଏକ କଲେଜରେ ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଥିଲେ। ଏଥିପାଇଁ ତାଙ୍କୁ ସରକାର ଦରମା ଦେଉଥିଲେ। ଜଣେ ବ୍ୟକ୍ତି ଦୁଇ ପଦବୀ ଉପଭୋଗ କରିବା ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାନୁଯାୟୀ, ଯାଜପୁର ଜିଲା ବରୀ ବ୍ଲକ ବାଲିଆଠାରେ ଥିବା ଅଭିମନ୍ୟୁ ସାମନ୍ତସିଂହାର ଯୁକ୍ତ ୨ କଲେଜ ଅଧ୍ୟକ୍ଷ ଦେବ ପ୍ରସାଦ ସାମଲ ତା୧୦।୩।୧୯୮୭ରୁ ୧୦।୩।୧୯୯୨ ରିଖ ପର୍ଯ୍ୟନ୍ତ ବରୀ ବ୍ଲକ ଅଧୀନ ଅଲିପୁର ପଞ୍ଚାୟତର ସରପଞ୍ଚ ଦାୟିତ୍ୱରେ ଥିଲେ। ସେ ସମସ୍ତ ସରକାରୀ କାର୍ଯ୍ୟ ସରପଞ୍ଚ ଭାବେ ସମ୍ପାଦନ କରୁଥିଲେ। ହେଲେ ସେହି ସମୟରେ ସେ କଲେଜ ଅଧ୍ୟକ୍ଷ ଦାୟିତ୍ୱ ବି ତୁଲାଉଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକ ଟି.କେ. ତ୍ରିପାଠୀ ତା.୧୨।୧୨।୨୦୨୦ରେ ପତ୍ରସଂଖ୍ୟା ୪୨୬୪୩ରେ ଅବସରପ୍ରାପ୍ତ ଅଧ୍ୟକ୍ଷ ସାମଲଙ୍କ ଚାକିରିକାଳ ସମ୍ବନ୍ଧରେ ତଦନ୍ତ କରିବା ପାଇଁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଧ୍ୟକ୍ଷ ସାମଲ ଏକା ସମୟରେ ଦୁଇ ଦୁଇଟି ସରକାରୀ ପଦବୀରେ ରହି କିପରି ଦାୟିତ୍ୱ ତୁଲାଉଥିଲେ ଏ ନେଇ ବାରମ୍ବାର ଅଭିଯୋଗ ହୋଇଥିଲା। ୧୯୮୭ ଅଗଷ୍ଟ ୩୦ରେ ସାମଲ ଅଭିମନ୍ୟୁ ସାମନ୍ତସିଂହାର ଯୁକ୍ତ୨ କଲେଜର ଅଧ୍ୟକ୍ଷ ଭାବେ ଯୋଗଦେଇ ସରକାରଙ୍କ ରାଜକୋଷରୁ ଦରମା ନେଉଥିଲେ। ତା.୧୬।୧୯୮୮ରିଖରେ ତାଙ୍କ ପଦବୀ ବୈଧ କରାଯାଇ ସେ ଶତପ୍ରତିଶତ ଦରମା ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ସାମଲ ୧୯୮୭ରୁ ୧୯୯୨ ପର୍ଯ୍ୟନ୍ତ ଅଲିପୁର ପଞ୍ଚାୟତର ସରପଞ୍ଚ ଥିଲେ ମଧ୍ୟ କଲେଜ ପରିଚାଳନା କମିଟିକୁ ମିଥ୍ୟା ତଥ୍ୟ ଦେଇ ଚାକିରିରେ ଯୋଗ ଦେଇଥିଲେ। ପରେ ନିଜ ପଦବୀକୁ ଅନୁମୋଦନ କରାଇ ଦରମା ବାବଦରେ ଲକ୍ଷାଧିକ ଟଙ୍କା ହାତେଇ ଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ଧାରଣା

କେନ୍ଦ୍ରାପଡ଼ା ଅଫିସ, ୨୧।୧

କେନ୍ଦ୍ରାପଡ଼ା ବ୍ଲକ ବାଲିଆପଦା ଗାଁର ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ୍ତ ମହାନ୍ତି ପେନ୍‌ସନ ପ୍ରାପ୍ୟ ପ୍ରଦାନର ବିଳମ୍ବକୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଧାରଣା ଦେଇଛନ୍ତି। ଏ ନେଇ ଏକ ଦାବିପତ୍ର ସେ ଏଡିଏମ୍‌ଙ୍କୁ ପ୍ରଦାନ କରିଛନ୍ତି। ସେ କହିଛନ୍ତି, ଆଣ୍ଠୁ ତଳକୁ କଟି ଯାଇଥିବାରୁ ଭିନ୍ନକ୍ଷମ ଜୀବନଯାପନ କରୁଛନ୍ତି। ଏହି ଦୁଃଖଠାରୁ ଚାକିରିର ବକେୟାକୁ ନେଇ ଜୀବନ ଦୁର୍ବିଷହ ହୋଇଛି। ଡେରାବିଶ ବିଇଓଙ୍କ ପକ୍ଷରୁ ୨୦୧୫ରେ ସେବା ପୁସ୍ତିକାରେ ଭେରିଫିକେଶନ ହୋଇନାହିଁ। ଏଥିପାଇଁ ପେନ୍‌ସନ ମିଳିନାହିଁ। ଶିକ୍ଷା ବିଭାଗ ପକ୍ଷରୁ ୧୨ମାସର କିସ୍ତିକୁ ଦାଖଲ କରାଯାଇନାହିଁ। ଏନେଇ ଜିଲା ଶିକ୍ଷା ବିଭାଗକୁ ଦୌଡିଥିଲେ ମଧ୍ୟ ସୁଫଳ ମିଳିନାହିଁ। ବାଧହୋଇ ଜିଲାପାଳଙ୍କୁ ଦାବିପତ୍ର ଦେଇଥିବା ପ୍ରକାଶ କରିଛନ୍ତି। ଏଡିଏମ୍ ବସନ୍ତ କୁମାର ରାଉତ କହିଛନ୍ତି, ସମସ୍ୟାର ସମାଧାନ ପାଇଁ ଡିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ପ୍ରଦୀପ୍ତ ମହାନ୍ତି

# ବନ୍ଦ ହେଉ 'ୟୁଜର୍ସ ଫି' ଆଦାୟ

ଯାଜପୁର ଅଫିସ,୨୧।୧

- ବ୍ୟାସନଗର ପୌର ପରିଷଦ
- ମୌଳିକ ସୁବିଧାରୁ ବଞ୍ଚିତ ସହରବାସୀ

ସହରର ନାଗରିକମାନଙ୍କୁ ସର୍ବନିମ୍ନ ସୁବିଧା ସୁଯୋଗ ଯୋଗାଇବା ସ୍ୱାୟତ୍ତ ଶାସନ ସଂସ୍ଥାର ଦାୟିତ୍ୱ। ଏଥିପାଇଁ ୨୬ଟି ୱାର୍ଡକୁ ନେଇ ବ୍ୟାସନଗର ପୌର ପରିଷଦ ଗଠିତ ହୋଇଛି। ହେଲେ ୨୦୧୮ ସେପ୍ଟେମ୍ବରରୁ ଏହି ସଂସ୍ଥା ପ୍ରଶାସକଙ୍କ ଦାୟିତ୍ୱରେ ଚାଲିଛି। ଫଳରେ ସହରର ପରିମଳ, ଆଲୋକୀକରଣ, ଡ୍ରେନେଜ ଆଦି ବ୍ୟବସ୍ଥା ସରକାରୀ ବାବୁଙ୍କ ଦ୍ୱାରା ପରିଚାଳିତ ହେଉଛି। ସଂପୃକ୍ତ ବାବୁଙ୍କ ମନମାନି ଯୋଗୁ ୪ ମାସରୁ ଊର୍ଦ୍ଧ୍ୱ ହେବ ସଫେଇ କର୍ମଚାରୀମାନଙ୍କୁ ଦରମା ଦିଆଯାଇନାହିଁ ବୋଲି ଅଭିଯୋଗ ହୋଇଛି। ଦୀର୍ଘଦିନ ହେଲା ବହିର୍ଗମନ ପଥ ନ ଥିବାରୁ ଆବର୍ଜନା ପାଣି ରାସ୍ତାରେ ଲହଡି ଭାଙ୍ଗୁଛି। ନିର୍ଦ୍ଧାରିତ ସ୍ଥାନରେ ଅଳିଆ ପକାଯାଉନାହିଁ। ସହରର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ଗଦା କରାଯାଇ ପରିବେଶକୁ ଦୂଷିତ କରାଯାଉଛି। ପୌରାଞ୍ଚଳରେ ଥିବା ୨୫୦୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଖୁଣ୍ଟରେ ଆଲୋକ ବ୍ୟବସ୍ଥା ନାହିଁ। ତେଣୁ ସମଗ୍ର ପୌରାଞ୍ଚଳରୁ ୟୁଜର୍ସ ଫି ଆଦାୟ ବନ୍ଦ କରାଯାଉ ବୋଲି ବ୍ୟାସନଗର କଂଗ୍ରେସ କମିଟି ପକ୍ଷରୁ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ରରେ ଆହୁରି ଦର୍ଶାଯାଇଛି, ବ୍ୟାସନଗର ପୌର ପରିଷଦ ଏକ ମଧ୍ୟମ ଧରଣର ସହର। ଏଠାକାର ଅଧିବାସୀମାନଙ୍କୁ ଅଦ୍ୟାବଧି ସହରାଞ୍ଚଳର ମୌଳିକ ସୁବିଧା ଯୋଗାଇ ଦିଆଯାଇ ପାରିନାହିଁ। ତଥାପି ସମସ୍ତ ଗୃହକର୍ତ୍ତା ଓ ବ୍ୟବସାୟୀ ନିର୍ଦ୍ଧାରିତ କର ଦେଇ ସହଯୋଗ କରି ଆସୁଛନ୍ତି। ହେଲେ ତାହା ବଦଳରେ ବସ୍ତିବାସିନ୍ଦା କୌଣସି ମୌଳିକ ସୁବିଧା ପାଉନାହାନ୍ତି। ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ପୌରପରିଷଦ ତରଫରୁ ନୂତନ ଭାବେ ୟୁଜର୍ସ ଫି ନାମରେ ଅନ୍ୟ ଏକ ଟିକସ ସହରବାସୀ, ସ୍ଥାୟୀ ବ୍ୟବସାୟ ପ୍ରତିଷ୍ଠାନ ଓ ଉଠା ବେପାରୀଙ୍କଠାରୁ ପୌର କର୍ମଚାରୀମାନେ ଜୁଲମ୍ କରି ଆଦାୟ କରୁଛନ୍ତି। ଉଠାବେପାରୀଙ୍କୁ ଥଇଥାନ କରିବା ପାଇଁ ଭେଣ୍ଡିଂ ଜୋନ୍‌ର ବ୍ୟବସ୍ଥା କରାଯାଇନାହିଁ। ସହରର ସମସ୍ତ ବସ୍ତି ଅଞ୍ଚଳକୁ ସଫେଇ କାର୍ଯ୍ୟରେ ସାମିଲ କରାଯାଇନାହିଁ। ବସ୍ତି ଅଞ୍ଚଳର ସବୁ ରାସ୍ତାକୁ ପକ୍କା କରାଯାଇ ପାରି ନାହିଁ।

ଏ ସଂକ୍ରାନ୍ତରେ ବ୍ୟାସନଗର ପୌର ପରିଷଦର ନିର୍ବାହୀ ଅଧିକାରୀ ଶୁଭେନ୍ଦୁ କୁମାର ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ସହରବାସୀଙ୍କୁ ସମସ୍ତ ମୌଳିକ ସୁବିଧା ଯୋଗାଇ ଦେବାକୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ସହରର ରାସ୍ତା, ଡ୍ରେନେଜ, ଆଲୋକୀକରଣ ଆଦି ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ସରକାରୀ ନିର୍ଦ୍ଦେଶ ଅନୁସାରେ ଆମେ ୟୁଜର୍ସ ଫି ଆଦାୟ କରୁଛୁ। ତଥାପି ଜନସାଧାରଣ ଯେଉଁ ଦାବି ଉପସ୍ଥାପନ କରିଛନ୍ତି ସେ ସଂକ୍ରାନ୍ତରେ ଆମେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିବୁ ବୋଲି ସେ କହିଛନ୍ତି।

**ପିଲା ଚୋରି ସନ୍ଦେହରେ ଯୁବକ ଅଟକ**

ଧର୍ମଶାଳା,(ଡି.ଏନ.ଏ.): ଯାଜପୁର ଜିଲା ଧର୍ମଶାଳା ଥାନା କାଏମା ବଜାରରେ ସନ୍ଦେହଜନକ ଭାବେ ବୁଲୁଥିବା ଜଣେ ଯୁବକଙ୍କୁ ଧରି ସ୍ଥାନୀୟ ଲୋକେ ପୋଲିସ ଜିମା ଦେଇଛନ୍ତି। ଗୁରୁବାର ସନ୍ଧ୍ୟାରେ କାଏମା ବଜାରରେ ସମ୍ପୃକ୍ତ ଯୁବକ ବୁଲୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ତେବେ ଯୁବକ ଜଣକଙ୍କ କଥାରେ ସନ୍ଦେହ ହେବାରୁ ଗ୍ରାମବାସୀ ତାଙ୍କୁ ପିଲା ଚୋର ସନ୍ଦେହ କରି ଅଟକ ରଖି ପୋଲିସକୁ ଜିମା ଦେଇଥିଲେ। ପୋଲିସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ନେଇ ପଚରାଉଚରା ଚଳାଇଛି।

## ସଂକ୍ଷେପରେ

### ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ନୟାଗଡ଼ ଅଫିସ,୨୧ା୧: ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ନୟାଗଡ଼ ଜିଲା ନୂଆଗାଁ ଥାନା ପୋଲିସ ମହିପୁର କମଳାପାଟଣା ଗାଁର ଦୟା ବେହେରା(୩୨)ଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଦୟାଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଥାନା ଭାରପ୍ରାପ୍ତ ଅଧିକାରୀ ରମେଶ ଦେବତାଙ୍କ ସୂଚନା ଅନୁସାରେ ଗଣିଆର କାନ୍ତିଲତା ବେହେରା ୧୦ ବର୍ଷ ତଳେ ଦୟାଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ଅଧିକ ଯୌତୁକ ପାଇଁ କାନ୍ତିଲତାଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେଉଥିଲେ। ବୁଧବାର ସକାଳେ କାନ୍ତିଲତା ନିର୍ଯାତନା ସହି ନ ପାରି ଆତ୍ମହତ୍ୟା କରିଥିବା ଜଣାପଡିଥିଲା । କାନ୍ତିଲତାଙ୍କ ବାପଘର ପକ୍ଷରୁ ଅଭିଯୋଗ ପରେ ପୋଲିସ ୩୦୪, ୪୯୮(ଏ)ରେ ୧୩/୨୧ରେ ମାମଲା ରୁଜୁ କରି କରିଛି।

### ନୟାଗଡ଼କୁ ରେଳ ଚଳାଚଳ ହେଉ

ନୟାଗଡ଼ ଅଫିସ,୨୧ା୧: କରୋନା କଟକଣା ପରଠାରୁ ନୟାଗଡ଼ ଜିଲାରେ ସମସ୍ତ ଯାତ୍ରୀବାହୀ ରେଳ ଚଳାଚଳ ବନ୍ଦ ରହିଛି। ମହିପୁରରୁ ପୁରୀ ଓ ନୟାଗଡରୁ ଭୁବନେଶ୍ୱରକୁ ସେବା ଏକ୍ସପ୍ରେସ ପୁନଃ ଚଳାଚଳ କରିବାକୁ ନୟାଗଡ଼ ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ ସାହୁ ପୂର୍ବତଟ ରେଳପଥର ସାଧାରଣ ପ୍ରବନ୍ଧକଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ସେବା ଏକ୍ସପ୍ରେସ ନୟାଗଡ଼ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଉକ୍ତ ଏକ୍ସପ୍ରେସକୁ ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହିପୁରରୁ ଭୁବନେଶ୍ୱରକୁ ଚଳାଚଳ କରିବାକୁ ନୟାଗଡ ଜିଲାବାସୀଙ୍କ ତରଫରୁ ଦାବି ହେଉଛି। ଅପରପକ୍ଷେ କିଛିଦିନ ତଳେ ଖୋର୍ଦ୍ଧା ବରିଷ୍ଠ ନାଗରିକ ମହାସଭା ସମ୍ପାଦକ ବିମଳ ଚନ୍ଦ୍ର ଷଡ଼ଙ୍ଗୀ ସେବା ଏକ୍ସପ୍ରେସକୁ ମହିପୁରଠାରୁ ଭୁବନେଶ୍ୱରକୁ ଚଳାଇବାକୁ ଦାବି କରିଛନ୍ତି।

### ପାଉଁରୁଟି କାରଖାନାରେ ଚଢ଼ାଉ, ଜରିମାନା ଆଦାୟ

ଧର୍ମଶାଳା,୨୧ା୧(ଡି.ଏନ.ଏ.): ଧର୍ମଶାଳା ଥାନା ନେଉଳପୁରଠାରେ ଥିବା ୪ ପାଉଁରୁଟି କାରଖାନାରେ ଗୁରୁବାର ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ଓ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ଜରିମାନା ଆଦାୟ କରାଯାଇଛି। ଚଢ଼ାଉ ସମୟରେ କାରଖାନାଗୁଡ଼ିକ ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଥିବା ଦେଖିବାକୁ ମିଳିଥିଲା। ଖାଦ୍ୟ ସୁରକ୍ଷା ଅଧିକାରୀ ଉକ୍ତ ୪ କାରଖାନା ମାଲିକଙ୍କଠାରୁ ମୋଟ୍ ୧୪ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ଚଢ଼ାଉରେ ଧର୍ମଶାଳା ଥାନା ଅଧିକାରୀ ସରୋଜ ସାହୁ ଓ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ବିଭୁଦତ୍ତ ତ୍ରିପାଠୀଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

### ରସୁଲପୁର ବ୍ଲକ କଲୋନୀ ପାର୍କ ସ୍ଥିତି ପରଖିଲେ ଏମ୍‌ପି

ରସୁଲପୁର,୨୧ା୧(ଡି.ଏନ.ଏ.): ରସୁଲପୁର ପଞ୍ଚାୟତ ସମିତି ପରିସରରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି କଲୋନୀ ପାର୍କ। ଗୁରୁବାର ଏମ୍‌ପି ଶର୍ମିଷ୍ଠା ସେଠୀ ଏହି ପାର୍କ ପରିଦର୍ଶନ କରି ସନ୍ତୋଷ ବ୍ୟକ୍ତ କରିଛନ୍ତି। ତାଙ୍କ ସହ ଯାଜପୁର ଜିଲା ପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି, ରସୁଲପୁର ବ୍ଲକ ଅଧ୍ୟକ୍ଷା ସାରଦୀ ଜେନା, ବିଡିଓ ଉମାକାନ୍ତ ପରିଡ଼ା, ଉପାଧ୍ୟକ୍ଷ ଯତୀନ୍ଦ୍ର ମୋହନ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟନାରାୟଣ ସାହୁ ପ୍ରମୁଖ ଏହି ପରିଦର୍ଶନରେ ସାମିଲ ହୋଇଥିଲେ। ବିଡିଓ ପରିଡ଼ା ଏମ୍‌ପିଙ୍କୁ ପାର୍କ ବୁଲାଇ ଦେଖାଇଥିଲେ। ପାର୍କକୁ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ବୁଲି ଦେଖିବା ସହ ଫୁଲ ଚାରାରୋପଣ ଓ ତାର ରକ୍ଷଣାବେକ୍ଷଣ ସମ୍ପର୍କରେ ସମ୍ପୃକ୍ତ ଅଧିକାରୀଙ୍କୁ ପଚାରି ବୁଝିଥିଲେ।

### ମଦନପୁର କଲେଜ ପ୍ରତିଷ୍ଠାତା ଅଧକ୍ଷଙ୍କ ସ୍ମୃତି ସଭା

ରାଜନଗର,୨୧ା୧(ଡି.ଏନ.ଏ.): ମଦନପୁର ଉତ୍‌କେଶ କେରଡା ମହାବୀର ମହାବିଦ୍ୟାଳୟ ପ୍ରତିଷ୍ଠାତା ଅଧକ୍ଷ ପ୍ରଫେସର କେଶବ ଚନ୍ଦ୍ର କୁଣ୍ଡଙ୍କ ଏକାଦଶାହ ତିଥିରେ ସ୍ମୃତିସଭା ତାଙ୍କ ଜନ୍ମମାଟିରେ ଅନୁଷ୍ଠିତ ହୋଇଛି। ବାବାଜୀ ଧଳଙ୍କ ସଭାପତିତ୍ୱରେ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ କୁଣ୍ଡଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଦୁର୍ଯ୍ୟୋଧନ ପରିଡା, ଦେବରାଜ ବାବୁ, ମାନବେନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। କୁଣ୍ଡଙ୍କ ଜ୍ୟେଷ୍ଠପୁତ୍ର ଦେବୀ ପ୍ରସାଦ ଏହାକୁ ପରିଚାଳନା କରିଥିଲେ।

# ୧୮ ଶ୍ରମିକଙ୍କୁ ପାଉଣା ମିଳୁନାହିଁ



- ନ୍ୟାୟ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ
- ଶ୍ରମିକମାରଣ ନୀତିକୁ ସମାଲୋଚନା

ଯାଜପୁର ଅଫିସ, ୨୧ା୧

ଯାଜପୁରରୋଡ ବନାଞ୍ଚଳ ଅଧୀନରେ ଚାରାରୋପଣ, ଗାତ ଖୋଳା, ବାଡ଼ ପ୍ରସ୍ତୁତି ଆଦିରେ କାମ କରି ୧୮ ଜଣ ଶ୍ରମିକ ହଟହଟା ହେଉଛନ୍ତି। ବାରମ୍ବାର ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରସ୍ଥ ହେଉଥିଲେ ହେଁ ସେ ଦିନ ଗଡାଇ ଚାଲିଥିବା ଅଭିଯୋଗ ହୋଇଛି। ଏଣେ ଆସନ୍ତା ୩୧।୦୧।୨୦୨୧ ତାରିଖରେ ରେଞ୍ଜର ଦେବେନ୍ଦ୍ର ପଟ୍ଟନାୟକ ଚାକିରିରୁ ଅବସର ନେବେ। ଶ୍ରମିକମାନେ ତାଙ୍କ ପାଉଣା ଆଉ ପାଇବେ କି ନାହିଁ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି। ଏନେଇ ଶ୍ରମିକମାନେ ମୁଖ୍ୟମନ୍ତ୍ରୀ, ଯାଜପୁରରୋଡ ଯୁଗ୍ମ ଶ୍ରମ ଆୟୁକ୍ତ, ରାଜ୍ୟ ଦୁର୍ନୀତି ନିବାରଣ ମହାନିର୍ଦ୍ଦେଶକ, ଜଙ୍ଗଲ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଯାଜପୁର ଜିଲାର ଯାଜପୁରରୋଡ ବନାଞ୍ଚଳ ଅଧିକାରୀଙ୍କ ଅଧୀନରେ ଶ୍ରମିକମାନେ ୨ଟି କାମ କରିଥିଲେ। ପ୍ରଥମ କାମରେ ଶ୍ରମିକଙ୍କ ମଜୁରି ବାବଦ ୨ଲକ୍ଷ ୨୯ ହଜାର ୩୦୦ ଟଙ୍କା ଓ ଦ୍ୱିତୀୟ କାମରେ ୧ ଲକ୍ଷ ୭୩ ହଜାର ୯୦୦ଟଙ୍କା ହୋଇଥିବାବେଳେ କେବଳ ଖାଇବା ଖର୍ଚ୍ଚ ବାବଦକୁ ୧୦ହଜାର ଟଙ୍କା ଦେଇଥିଲେ। ତେଣୁ ଏହି ୨ଟି କାମରେ ସେମାନଙ୍କ ଆଉ ୩ ଲକ୍ଷ ୯୩ ହଜାର ୨୦୦ ଟଙ୍କା ବାକି ରହିଛି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ୫୦ରୁ ଊର୍ଦ୍ଧ୍ୱ ଥର ଶ୍ରମିକ ଯୋଗାଯୋଗ କରିଥିଲେ ହେଁ ସେମାନଙ୍କୁ ବକେୟା ମଜୁରି ଆଦି ପୈଠ ନ କରି ସେ ଖାଲି ସମୟ ଗଡ଼ାଇ ଚାଲିଛନ୍ତି ବୋଲି ଅଭିଯୋଗ ହୋଇଛି। ଉକ୍ତ କାମକୁ ଦେଖାଶୁଣା କରୁଥିବା ଫରେଷ୍ଟର ପ୍ରେମାନନ୍ଦ ରାଉତରାୟଙ୍କ କରୋନାରେ ମୃତ୍ୟୁ ହେବାପରେ କାମ ଦେଇଥିବା ବନାଞ୍ଚଳ ଅଧିକାରୀ ବିଭିନ୍ନ ବାହାନା କରି ଚାଲିଛନ୍ତି। ଏ ବାବଦରେ ଶ୍ରମିକ ନେତା ଦୁଷ୍ମନ୍ତ ରାଉତଙ୍କ ଦ୍ୱାରସ୍ଥ ହେବା ପରେ ଶ୍ରମିକମାନେ ତା୪।୧।୨୧ରିଖରେ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ନିକଟରେ ପ୍ରାପ୍ୟ ପାଇବା ପାଇଁ ଏକ ମାମଲା ରୁଜୁ କରିଛନ୍ତି। ଏଣେ କଟକ ବନଖଣ୍ଡ ଅଧିକାରୀ ଓ ଯାଜପୁରରୋଡ ବନାଞ୍ଚଳ ଅଧିକାରୀଙ୍କୁ କଟକ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ସୁଶାନ୍ତ କୁମାର ଦାଶ ନୋଟିସ ଜାରି କରି ତୁରନ୍ତ ଶ୍ରମିକମାନଙ୍କ ପ୍ରାପ୍ୟ ପୈଠ ପାଇଁ କହିଛନ୍ତି। କାମ୍ପା, ଡିଏମ୍‌ଏଫ୍ ପାଣ୍ଠିରେ ବନୀକରଣ, ସହରାଞ୍ଚଳ ବନୀକରଣ ଆଦି ଯୋଜନାରେ ବହୁ କୋଟି ଟଙ୍କା ବାଟମାରଣା ହୋଇଥିବାବେଳେ କାମ କରିଥିବା ଗରିବ ଶ୍ରମିକମାନଙ୍କ ମୂଳ ବୁଡାଇ ଦେବା ଉପରେ ମୁଖ୍ୟମନ୍ତ୍ରୀ, ରାଜ୍ୟ ଦୁର୍ନୀତି ନିବାରଣ ମହାନିର୍ଦ୍ଦେଶକ, ଜଙ୍ଗଲ ବିଭାଗ ପ୍ରମୁଖ ଶାସନ ସଚିବ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପିସିସିଏଫ, ଆର୍‌ଡିସିଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି। ଆବଶ୍ୟକ ହେଲେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବୁ ବୋଲି କହିଛନ୍ତି ଶ୍ରମିକ ଦିଲୀପ ମଲ୍ଲିକ। ଏ ସଂକ୍ରାନ୍ତରେ ଯାଜପୁରରୋଡ ରେଞ୍ଜର ଦେବେନ୍ଦ୍ର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, କେଉଁ ଯୋଜନାରେ କାମ ହୋଇଛି ତା'ର ନିର୍ଦ୍ଦିଷ୍ଟ ତଥ୍ୟ ରଖାଗଲେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ ହୋଇଥିଲେ ମଷ୍ଟରରୋଲ ଅନୁସାରେ ମଜୁରି ଶ୍ରମିକମାନଙ୍କ ବ୍ୟାଙ୍କ ଖାତାକୁ ଯିବ। ଏଥିରେ କୌଣସି ଦୁର୍ନୀତି କିମ୍ବା ଶ୍ରମିକମାନଙ୍କ ମଜୁରି ହଡପ କଥା ଉଠୁନାହିଁ ବୋଲି ସେ କହିଛନ୍ତି।

# ଇଞ୍ଜିନିୟରରୁ ସଫଳ ଚାଷୀ

ବିରିଡି,୨୧ା୧(ଡି.ଏନ୍.ଏ.)

## କୁଣ୍ଡରେ କରୁଛନ୍ତି ଷ୍ଟ୍ରବେରି ଓ କ୍ୟାପ୍‌ସିକମ୍ ଚାଷ



ଇଞ୍ଜିନିୟରରୁ ସଫଳ ଚାଷୀ ପାଲଟିଛନ୍ତି ଚିନ୍ମୟ ଦାଶ। ଅଣ ପାରମ୍ପରିକ ଚାଷକରି ସେ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ବିରିଡି ବ୍ଲକ ୨୨ ମୌଜାର ଚାଷିଖଣ୍ଡ ଗ୍ରାମରେ ତାଙ୍କ ଘର। ପିତା ଚିତ୍ତରଞ୍ଜନ ଦାଶ ଜଣେ ଅବସରପ୍ରାପ୍ତ ଶିକ୍ଷକ। ଚିନ୍ମୟ ହାଇଦ୍ରାବାଦସ୍ଥିତ ଏକ ଅନୁଷ୍ଠାନରୁ ୨୦୦୦ ମସିହାରେ ଇଞ୍ଜିନିୟରିଂ ଡିଗ୍ରି ହାସଲ କରିବା ପରେ ସେଠାକାର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ମାତ୍ର ଚାକରିରେ ମନ ନ ଲାଗିବାରୁ ସେ ଘରକୁ ଫେରି ଆସିଥିଲେ। କରୋନା ସମୟରେ ସେ ବଗିଚାରେ ଚାଷ କରିବାକୁ ମନ ବଳାଇଲେ। ଏବେ ବଗିଚାରେ ପୋଖରୀ ଖୋଳି ମାଛ ଚାଷ କରିବା ସହ ଆମ୍ବ, କଦଳୀ, ଲେମ୍ବୁ, ସପୁରି, ନଡ଼ିଆ, ଷ୍ଟ୍ରବେରି ଓ ନାଲି ହଳଦୀ ରଙ୍ଗର କ୍ୟାପସିକମ୍ ଆଦି ଚାଷ କରି ଭଲ ରୋଜଗାର କରୁଛନ୍ତି। ଘର ଛାତ ଉପରେ ୧୦୦ଟି ଲେଖାଏ କୁଣ୍ଡରେ କରିଥିବା ଷ୍ଟ୍ରବେରି ଓ କ୍ୟାପ୍‌ସିକମ୍ ଚାଷକୁ ଦେଖିବାକୁ ବିଭିନ୍ନ ଅଞ୍ଚଳରୁ ଲୋକେ ଆସୁଛନ୍ତି। ବ୍ଲକ ସହକାରୀ କୃଷି ଅଧିକାରୀ ପ୍ରଦୀପ୍ତ ବେହେରା ଓ ତାଙ୍କ ସହକର୍ମୀମାନେ ତାଙ୍କ କ୍ଷେତ୍ର ପରିଦର୍ଶନ କରି ଚିନ୍ମୟଙ୍କୁ ପ୍ରଶଂସା କରିବାସହ ଅଧିକ ବୈଷୟିକ ଜ୍ଞାନ ମଧ ଦେଇଛନ୍ତି। ଯୁବପିଢ଼ି ଚାଷ ପ୍ରତି ଆକୃଷ୍ଟ ହେଲେ ସ୍ୱପ୍ନ ପୂରଣ ହେବ ବୋଲି ଚିନ୍ମୟ କୁହନ୍ତି। ଚାଷକୁ ଅଧିକ ପ୍ରୋତ୍ସାହନ ଦେବା ପାଇଁ ଜ୍ଞାନ କୌଶଳ ଓ ମାର୍କେଟିଂ ବ୍ୟବସ୍ଥା କରିବାକୁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ସହକାରୀ କୃଷି ଅଧିକାରୀ ବେହେରା କୁହନ୍ତି, ଚିନ୍ମୟ ନିଜ ଉଦ୍ୟମରେ ଅଣପାରମ୍ପରିକ ଚାଷ କରି ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

# ରାଶନ କାର୍ଡ ଧରାଇ ଚୁପ୍ ବସିଛି ପ୍ରଶାସନ

ନାଉଗାଁ,୨୧ା୧(ସ୍ୱ.ପ୍ର.)



କୁଇନି ଅଭିଯୋଗ ପତ୍ରର ନକଲ ଦେଖାଉଛନ୍ତି।

- ଅଭିଯୁକ୍ତ ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ
- ମୃତ ଶ୍ୱଶୁର, ଶାଶୁଙ୍କ ନାମରେ ଉଠୁଥିଲା ରାଶନ ସାମଗ୍ରୀ

ମୃତ ଶ୍ୱଶୁର ଓ ଶାଶୁଙ୍କ ନାଁରେ ଖାଉଟି ସାମଗ୍ରୀ ଉଠାଯାଉଛି ବୋଲି ନାଉଗାଁ ବ୍ଲକ ଅଲଣା ପଞ୍ଚାୟତ ସଠଳପୁର ଗ୍ରାମର କୁଇନି ରାଉତ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଏଥିସହ ଶାଶୁ, ଶ୍ୱଶୁରଙ୍କ ମୃତ୍ୟୁପରେ ତାଙ୍କ ପରିବାରକୁ ରାଶନ କାର୍ଡ ପ୍ରଦାନ କରାଯାଉନାହିଁ ବୋଲି ସେ ଦର୍ଶାଇଥିଲେ। ଏହି ଅଭିଯୋଗର ନକଲ ଜିଲାପାଳ, ୫-ଟି ସଚିବ ଓ ଯୋଗାଣ ମନ୍ତ୍ରୀଙ୍କ ନିକଟକୁ ପଠାଇଥିଲେ। ଏହାର ୩ ମାସ ପରେ କୁଇନିଙ୍କୁ ଉକ୍ତ ଯୋଜନାରେ ସାମିଲ କରାଯାଇଛି। ମାତ୍ର ଖାଉଟି ସାମଗ୍ରୀ ଉଠାଯିବା ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏ ସମ୍ପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସମ୍ପୃକ୍ତ ଡିଲରଙ୍କ ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଖାଦ୍ୟ ଯୋଗାଣ କମିଶନ ଅଧ୍ୟକ୍ଷ ଟୁଇଟ୍ କରି ଖାଦ୍ୟ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ନିର୍ଦ୍ଦେଶକୁ ଜଗତ୍‌ସିଂହପୁର ଜିଲା ଯୋଗାଣ ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନାହିଁ। ଅପରପକ୍ଷେ ନାଉଗାଁ ବ୍ଲକ ଯୋଗାଣ ନିରୀକ୍ଷିକା ନୀଳିମା ମହାନ୍ତି ୧୦ ନଭେମ୍ବରରେ କୁଇନିଙ୍କ ଘରେ ପହଞ୍ଚି ତଦନ୍ତ କରିଛନ୍ତି। ତାଙ୍କଠାରୁ ମୃତ ଶାଶୁ ଓ ଶଶୁରଙ୍କ ନାମରେ ଥିବା ଖାଉଟି କାର୍ଡ ସହ ଆବଶ୍ୟକ କାଗଜପତ୍ର ସଂଗ୍ରହ କରିଥିଲେ। କିନ୍ତୁ ସମ୍ପୃକ୍ତ ଡିଲର ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀ ନୀଳିମା ମହାନ୍ତି କୁହନ୍ତି, ତଦନ୍ତ କରାଯାଇ ରିପୋର୍ଟ ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା କହିଛନ୍ତି, ତଦନ୍ତ ସରିଛି। ରିପୋର୍ଟକୁ ବିଚାରକୁ ନିଆଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ପ୍ରଶାସନ କେବେ କୁଇନିଙ୍କ ପରିବାରକୁ ନ୍ୟାୟ ଦେବ ତାହା ଦେଖିବାକୁ ବାକି ରହିଲା।

## ୨୩ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ରାଜନଗର ଗସ୍ତ

ରାଜନଗର,୨୧ା୧(ଡି.ଏନ.ଏ.)

କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତା ୨୩ରେ ଭିତରକନିକା ଇକୋରିଟ୍ରିଟକୁ ବୁଲି ଆସି ରାତ୍ରିଯାପନ କରିବେ। ୨୪ ତାରିଖ ସକାଳେ ଜଳପଥରେ ଭିତରକନିକା ଭ୍ରମଣ ସହ କୁମ୍ଭୀର ପ୍ରଜନନ କେନ୍ଦ୍ର ବୁଲିବେ। ପରେ ବାଙ୍କୁଆଳସ୍ଥିତ ମା' ଜୟଦୁର୍ଗାଙ୍କର ଦର୍ଶନ କରି କେନ୍ଦ୍ରାପଡ଼ା ଫେରିବେ। କେନ୍ଦ୍ରାପଡାରେ ଶ୍ରୀବଳଦେବଜୀଉଙ୍କୁ ଦର୍ଶନ କରି ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଇକୋରିଟ୍ରିଟସ୍ଥଳ ନିକଟରେ ରାଜନଗର ନିର୍ବାଚନମଣ୍ଡଳୀର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଭାଜପା ନେତା ଅଲେଖ ଜେନା ସୂଚନା ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଗୁରୁବାର ତ୍ରିନାଥ ବଜାରସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥିରେ ଜୋନ ସଭାପତି ଦିଲୀପ ରାଉତ, ସୁନାକର ପ୍ରଧାନ, କୈଳାସ ଚନ୍ଦ୍ର ପରିଡା, ତପନ ପାଲ, ଜଗନ୍ନାଥ ରାଉତ, ସରୋଜ ରାଉତ, ରାଜୀବ ଲୋଚନ ନାୟକ, ସୁବାସ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇଥିଲେ।

# ପୁଣି ଘଟଣାସ୍ଥଳ ପରିଦର୍ଶନ କଲେ ଏସ୍‌ପି

ଚଣ୍ଡିଖୋଲ/ବଡ଼ଚଣା, ୨୧ା୧(ଡି.ଏନ.ଏ.)

## ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣା

ବଡଚଣା ଥାନା ଅଧୀନ ଦର୍ପଣଗଡ ଗ୍ରାମର ଆରାଧ୍ୟା ମା'କୋଟରାଖୀଙ୍କ ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣାକୁ ୧୧ ଦିନ ବିତିଯାଇଛି। ମାତ୍ର ମୂର୍ତ୍ତି ଚୋରି ସମ୍ବନ୍ଧରେ ପୋଲିସ କୌଣସି ସୂଚନା ପାଇ ପାରିନାହିଁ। ତେବେ ୧୦ ଦିନ ମଧ୍ୟରେ ମୂର୍ତ୍ତି ଉଦ୍ଧାର କରା ନ ଗଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ଏହି ଘଟଣାକୁ ଗୁରୁତର ସହ ନେଇ ଯାଜପୁର ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆର୍ ଗୁରୁବାର ପୁଣି ଦର୍ପଣଗଡ ଗ୍ରାମକୁ ଆସି ଘଟଣା ସମ୍ପର୍କରେ ଅନୁସନ୍ଧାନ କରିଛନ୍ତି। ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ମୂର୍ତ୍ତି ଉଦ୍ଧାର ସହିତ ଲୁଟେରାଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ଉପସ୍ଥିତ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏସ୍‌ପିଙ୍କ ଏହି ଗସ୍ତ ସମୟରେ ବିଧାୟକ ଅମର ପ୍ରସାଦ ଶତପଥୀ ଉପସ୍ଥିତ ରହି ତଦନ୍ତରେ ସହଯୋଗ କରିବାକୁ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ, ୧୧ ତାରିଖ ରାତିରେ ମା' କୋଟରାଖୀଙ୍କ ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଥିଲା। ଘଟଣାର ଚାରି ଦିନ ପରେ ମା'ଙ୍କ ଅଙ୍ଗବସ୍ତ୍ର ଦର୍ପଣ ବଜାର ଶେଷ ମୁଣ୍ଡରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପୋଲିସ ଅନୁସନ୍ଧାନକାରୀ କୁକୁର ସାହଯ୍ୟରେ ତଦନ୍ତ କରିଥିଲେ ମଧ ଲୁଟ ସମ୍ପର୍କରେ କୌଣସି ସୁରାକ ପାଇ ନ ଥିଲା।

# ୪୦ ପରିବାର ବିଜେଡିରେ ମିଶିଲେ

ରାଜନଗର,୨୧ା୧(ଡି.ଏନ.ଏ.)

ରାଜନଗର ବ୍ଲକ କୃଷ୍ଣନଗର ପଞ୍ଚାୟତ କନକନଗର ଗାଁରେ ବିଜେଡିର ମିଶ୍ରଣ ପର୍ବ ଗୁରୁବାର ଅନୁଷ୍ଠିତ ହୋଇଛି। ବ୍ଲକ ବିଜେଡି ସଭାପତି ଅଶୋକ ପ୍ରତିହାରୀଙ୍କ ପୌରୋହିତ୍ୟରେ ବିଧାୟକ ଧ୍ରୁବ ସାହୁ ଯୋଗଦେଇ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ କହିଥିଲେ। କନକନଗର ଗାଁରେ ସେକ୍ ଫିରୋଜ ଉଦ୍ଦିନ, ମିର୍ଜା ନିରୁଦ୍ଦିନ ବେଗ, ଏଶାକ ମଲ୍ଲିକ, ସେକ୍‌ସାମସୁଦ୍ଦିନ ପ୍ରମୁଖ ୪୦ ପରିବାର ବିଜେଡିରେ ସାମିଲ ହୋଇଛନ୍ତି।



ବିଧାୟକଙ୍କ ଉପସ୍ଥିତିରେ ବିଜେଡିରେ ମିଶିଥିବା କର୍ମୀମାନେ।

## ଶ୍ୱଶୁରଙ୍କ ଆକ୍ରମଣରେ ଜ୍ୱାଇଁ ଗୁରୁତର ଘଟଣା

# ମାମଲା ରୁଜୁ କରୁନି ପୋଲିସ

କୁଜଙ୍ଗ, ୨୧ା୧(ଡି.ଏନ୍.ଏ.)

କୁଜଙ୍ଗ ବ୍ଲକ ତଥା ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ରଙ୍ଗିଆଗଡ ଗ୍ରାମରେ ଜଙ୍ଗଲ ଜମି ଜବରଦଖଲକୁ ନେଇ ଗତ ସୋମବାର ଶ୍ୱଶୁର ଆକ୍ରମଣରେ ଜ୍ୱାଇଁ ଗୁରୁତର ହୋଇଥିଲେ। ଗୁରୁତର ଜଣକ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ସାନଗବପୁର ଗ୍ରାମର ସୁଧୀର ବେହେରା। ଏନେଇ ଜ୍ୱାଇଁଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ସତ୍ତ୍ୱେ ଏପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇ ନ ଥିବା ଅଭିଯୋଗ ହୋଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଶ୍ୱଶୁର ରଙ୍ଗିଆଗଡ ଗ୍ରାମରେ ଦୀର୍ଘବର୍ଷ ହେବ ଜଙ୍ଗଲ ଜମି ଜବରଦଖଲ କରି ପରିବାର ସହ ରହି ଆସୁଛନ୍ତି। ଝିଅ ବିବାହ ପରେ ଜ୍ୱାଇଁ ସୁଧୀର ପାରାଦୀପକୁ କାମ ପାଇଁ ଆସି ଶ୍ୱଶୁର ଘର ନିକଟ ଖାଲି ଜମିରେ କୁଡ଼ିଆ କରି ରହୁଥିଲେ। ଉକ୍ତ ଜାଗା ଛାଡ଼ି ଚାଲିଯିବାକୁ ଶ୍ୱଶୁର ଘର ଲୋକେ ବାରମ୍ବାର ସୁଧୀରଙ୍କୁ ତାଗିଦ୍ କରୁଥିଲେ। ଏନେଇ ଗତ ୧୮ ତାରିଖରେ ସୁଧୀର ଘରେ ଏକୁଟିଆ ଥିବାବେଳେ ଶ୍ୱଶୁର ଘର ଲୋକେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସୁଧୀରଙ୍କ ବାମ କାନ୍ଧ ହାଡ ଭାଙ୍ଗିଯିବା ସହ ଗୁରୁତର ହୋଇଥିଲେ। ଏନେଇ ଥାନା ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଝିଅ ବାପଘର ବିରୋଧରେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅଭୟଚାନ୍ଦପୁର ଥାନା ଆଇଆଇସି ଯୁଗଳ କିଶୋର ଦାସଙ୍କ ସହ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ ମୋବାଇଲ୍ ବନ୍ଦ ଥିବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

## ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଭିଡିଓକୁ ପ୍ରଶଂସା

ନୟାଗଡ ଅଫିସ,୨୧ା୧

ନୋଉରସ୍ଥିତ ନୟାଗଡ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ସଡ଼କ ସୁରକ୍ଷା ଜୀବନ ରକ୍ଷା ଉପରେ ଏକ ଭିଡିଓ କରିଛନ୍ତି, ଯାହା ବେଶ୍ ଲୋକପ୍ରିୟ ହୋଇଛି। ସେହି ଭିଡିଓ ଭାଇରାଲ ହେବା ପରେ କେନ୍ଦ୍ରମନ୍ତ୍ରୀ ନୀତୀନ ଗଡକରୀ ତାଙ୍କ କରୋନା ଆକାଉଣ୍ଟରେ ଟୁଇଟ କରି ଛାତ୍ରୀଛାତ୍ରଙ୍କୁ ପ୍ରଶଂସା କରିଛନ୍ତି ।

# 'ଶିକ୍ଷାର ବିକାଶ ଲାଗି ସରକାର ପ୍ରତିଶ୍ରୁତି ବଦ୍ଧ'

କଳିଙ୍ଗନଗର,୨୧ା୧(ଡି.ଏନ.ଏ.)

ଶିକ୍ଷାର ବିକାଶ ଲାଗି ସରକାର ପ୍ରତିଶ୍ରୁତି ବଦ୍ଧ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ସବୁବେଳେ ଶିକ୍ଷାକୁ ଗୁରୁତ୍ୱ ଦେଇଆସିଛି। ଏହିକ୍ରମରେ ଶିକ୍ଷା ଭିତ୍ତିଭୂମିର ବିକାଶ ପାଇଁ ଦାନଗଦୀ ବ୍ଲକର ୩୫ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ପାଇଁ ୬ କୋଟି ୪୫ ଲକ୍ଷ ଓ ୮ ହାଇସ୍କୁଲ ପାଇଁ ୨ କୋଟି ୫୦ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି। ଡିଏମ୍‌ଏଫ୍ ଅର୍ଥରେ ବିଦ୍ୟାଳୟଗୁଡ଼ିକୁ ବେଞ୍ଚ ଓ ଡେସ୍କ ଯୋଗାଇ ଦିଆଯାଇଛି। ବ୍ଲକରେ ୧୫୦ କୋଟି ଟଙ୍କାବ୍ୟୟରେ ହେବାକୁ ଥିବା ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ୨୦୨୩ ସୁଦ୍ଧା ପ୍ରକଳ୍ପ ଶେଷ କରାଯାଇ ସମସ୍ତଙ୍କୁ ପିଇବା ପାଣି ଯୋଗାଇ ଦିଆଯିବ। ଗୁରୁବାର ବ୍ଲକ ଅଧୀନ ଧୂଳିଗଡ଼ ପଞ୍ଚାୟତ ମାନପୁରଠାରେ ଆୟୋଜିତ ବିଜେଡି କର୍ମୀ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ସୁକିନ୍ଦା ବିଧାୟକ ପ୍ରିତିରଞ୍ଜନ ଘଡ଼ାଇ ଯୋଗଦେଇ ଏହି ସୂଚନା ଦେଇଛନ୍ତି। ଧୂଳିଗଡ଼ ପଞ୍ଚାୟତ ସଭାପତି ଦିନବନ୍ଧୁ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗଜେନ୍ଦ୍ର ଧୀର ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁକିନ୍ଦା ନିର୍ବାଚନମଣ୍ଡଳୀ ସଭାପତି ପଦ୍ମାବତୀ ଜେନା, ୯ ନଂ ଜୋନ ଜିଲା ପରିଷଦ ସଭ୍ୟ ଭାଗ୍ୟଲକ୍ଷ୍ମୀ ରାଉତ, ବ୍ଲକ ବିଜେଡି ସଭାପତି ଦିଲୀପ ନାୟକ, ବ୍ଲକ ଯୁବ ବିଜେଡି ସଭାପତି ଜୟପ୍ରକାଶ ସାହୁ, ବ୍ଲକ ମହିଳା ସଭାପତି ଅବନ୍ତି ସାମଲ, ଏମ୍‌ପିଙ୍କ ପ୍ରତିନିଧି ଲୋକନାଥ ଧୀର ପ୍ରମୁଖ ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ବିଭୂତି ଭୂଷଣ ଧୀର, ପବିତ୍ର ମୋହନ ରଣା, ରାଉତ ମୁଣ୍ଡା, ପ୍ରଭାସ ଧୀର, ରାଜୁ ସାହୁ ପ୍ରମୁଖ ପରିଚାଳନା କରିଥିଲେ।




ବିଜେଡି କର୍ମଶାଳାରେ ବିଧାୟକଙ୍କ ସମେତ ଅନ୍ୟ କର୍ମୀ।

# ଟାଙ୍କି ଅଛି, ପାଇଖାନା ନାହିଁ

ନୟାଗଡ଼ ଅଫିସ,୨୧ା୧

- ପରିମଳ ବ୍ୟବସ୍ଥା ନାଁରେ ଅର୍ଥ ଆତ୍ମସାତ୍
- ହିତାଧିକାରୀ ଚକାପଥର ଗାଁର, ଫଳକରେ ଢିପମାଳ

ନୟାଗଡ଼ ଜିଲାରେ ସ୍ୱଚ୍ଛ ଭାରତ ମିଶନ ଯୋଜନା ଏକପ୍ରକାର ଦିଗହରା ହୋଇଛି। ଏହି ଜିଲାର ଅଧିକାଂଶ ଗାଁରେ ପାଇଖାନା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ତଥାପି ବାହ୍ୟ ମଳମୁକ୍ତ ଗାଁ ଦର୍ଶାଇ ଅର୍ଥ ହଡ଼ପ କରାଯାଇଛି। ଏହାର ତଦାରଖ କରାଯାଉ ନ ଥିବାରୁ କେବଳ କାଗଜପତ୍ରରେ ଘୋଷିତ ବାହ୍ୟ ମଳମୁକ୍ତ ଗାଁ ପରିବେଶରୁ ଦୁର୍ଗନ୍ଧ ବାହାରୁଛି। ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ଏପରି ଅବ୍ୟବସ୍ଥା ଉପରେ ଲଗାମ ରହୁନାହିଁ। ଯା'ର ନଜିର ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତ ଚକାପଥର ଗାଁରେ ଦେଖିବାକୁ ମିଳୁଛି।

ଚକାପଥର ଗାଁର ଜଣେ ହିତାଧିକାରୀଙ୍କ ବାରିରେ ନିର୍ମାଣ ହୋଇଥିବା ପାଇଖାନାକୁ ସମ୍ପୂର୍ଣ୍ଣ କରାଯାଇନାହିଁ। ହେଲେ ୧୨ ହଜାର ଟଙ୍କା ବିଲ୍ ହୋଇଛି। କେତେଜଣ ହିତାଧିକାରୀଙ୍କ ବାରିରେ ପାଇଖାନା ନାହିଁ, କେବଳ ଟାଙ୍କି ନିର୍ମାଣ ହୋଇଛି। ଆଉ କାହା ବାରିରେ ଟାଙ୍କି ନିର୍ମାଣ ହୋଇଛି, ଅଥଚ ପାଇଖାନା ନିର୍ମାଣ ହୋଇନି। ଚକାପଥର ଗାଁରେ ପାଇଖାନା ନିର୍ମାଣ କରାଯାଇଥିବାବେଳେ ଫଳକରେ ଗାଁର ନାଁ ଢିପମାଳ ଲେଖାଯାଇଛି। ଏପରି ଅନିୟମିତତାକୁ ନେଇ ହିତାଧିକାରୀ ପ୍ରତିବାଦ କଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏନେଇ ଚକାପଥର ଗାଁର ଅମର ପ୍ରଧାନ କୁହନ୍ତି, ମୋ ପାଇଖାନା ନିର୍ମାଣ ହୋଇନି। ପାଇଖାନା ଟାଙ୍କି ନନ୍ଦରେ ତିଆରି ହୋଇଥିଲା। ଏବେ ସେହି ଟାଙ୍କି ପୋତି ହେବାକୁ ବସିଛି। ପାଇଖାନା ନ ଥିବାରୁ ଆମ ପରିବାର ଲୋକେ ବାହାରେ ମଳତ୍ୟାଗ କରୁଛନ୍ତି। ଅନ୍ୟପକ୍ଷେ ମୋର ପାଇଖାନା ନିର୍ମାଣ ହୋଇ ନ ଥିଲେ ହେଁ ୧୨ ହଜାର ଟଙ୍କା ବିଲ୍ ହୋଇଛି। ଗାଁର ଅନ୍ତର୍ଯାମୀ ପ୍ରଧାନ ଓ ବୈକୁଣ୍ଠ ପ୍ରଧାନ କୁହନ୍ତି, ୨୦୧୯-୨୦ ଆର୍ଥିକ ବର୍ଷରେ ଆମ ବାରିରେ ପାଇଖାନା ନିର୍ମାଣ ହୋଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ଟାଙ୍କି ନିର୍ମାଣ ହୋଇନି। ତେଣୁ ପାଇଖାନା କାମରେ ଲାଗୁନି। ଗାଁରେ ଆଦିବାସୀ ଓ ଅନ୍ୟ ସଂପ୍ରଦାୟର ୩୦ ପରିବାରର ୨୩୦ରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ସେମାନଙ୍କ ମଧ୍ୟରୁ କେବଳ ଜଣେ ୱାର୍ଡ ମେମ୍ବରଙ୍କ ପାଇଖାନା ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି।



ଅନ୍ୟ କାହାରି ପାଇଖାନା ନିର୍ମାଣ ଶେଷ ହୋଇନି। ୨ ଜନପ୍ରତିନିଧି କାମ କରିବା ନାଁରେ ପାଇଖାନା ଟଙ୍କା ହଡ଼ପ କରିଛନ୍ତି, ଯାହାକି ତଦନ୍ତସାପେକ୍ଷ ବୋଲି ସେମାନେ କହିଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ପରେ ବି କେହି କାମ ସମ୍ପୂର୍ଣ୍ଣ କରୁନାହାନ୍ତି। ଆମେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛୁ। ଫେବୃୟାରୀ ଦ୍ୱିତୀୟ ସପ୍ତାହରେ ଆମେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଛୁ ବୋଲି ସେମାନେ କହିଛନ୍ତି। ମଥୁରା କଅଁର କୁହନ୍ତି, ମୋ ଗାଁ ନାଁ ଚକାପଥର। ଆମ ଗାଁରେ ଯେତେସବୁ ପାଇଖାନା ନିର୍ମାଣ ହୋଇଛି, ସେଥିରେ ଠିକଣା ଢିପମାଳ ଲେଖାଅଛି। ଗାଁର ନାଁ ଭୁଲ୍ କାହିଁକି ଲେଖାଯାଉଛି କହିବାରୁ ଆମ କଥା କେହି ଶୁଣିଲେ ନାହିଁ। ଯଦି ଭୁଲ୍ ହୋଇଥିଲା ତା'ର ସଂଶୋଧନ କରାଗଲା ନାହିଁ କାହିଁକି। ତାହା ପଛରେ ଅନିୟମିତତା ଲୁଚି ରହିଥିବା ଜଣାପଡୁଛି। ଏ ସଂକ୍ରାନ୍ତରେ ତଦନ୍ତ କରାଯାଉ। ସରପଞ୍ଚ ପର୍ଶୁରାମ ସ୍ୱାଇଁ କୁହନ୍ତି, ଗାଁ ନାଁ ଢିପମାଳ ହେଉ କି ଚକାପଥର, ସେଥିରେ କିଛି ଅସୁବିଧା ନାହିଁ। ସବୁ ଲୋକଙ୍କ ପାଇଖାନା ନିର୍ମାଣ ଶେଷ ହୋଇଛି। ଆପଣ ଗାଁକୁ ଆସି ଦେଖିପାରନ୍ତି। ସବୁ ଠିକ୍ ଅଛି। ଆରଡବ୍ଲ୍ୟୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ରାଜୀବ ପାଣିଗ୍ରାହୀ କୁହନ୍ତି, ଆମର ସେଥିରେ କିଛି କରିବାର କ୍ଷମତା ନାହିଁ। ଏନେଇ ବିଡିଓ ଓ ପିଡି ଡିଆରଡିଏଙ୍କୁ ପଚାରନ୍ତୁ। ସେହି ଯୋଜନାର କାମ ଶେଷ ହୋଇସାରିଛି। ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ କୁହନ୍ତି, ଚକାପଥର ଗାଁରେ ନିର୍ମାଣ ହୋଇଥିବା ପାଇଖାନା କାମରେ ଏପରି ଅନିୟମିତତା ହୋଇଥିବା ସଂକ୍ରାନ୍ତରେ ଅବଗତ ନ ଥିଲି। ଏନେଇ ବିଡିଓଙ୍କ ସହ ଆଲୋଚନା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

